# NATIONAL NEWS BULLETIN (ODIA)

**13 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦୦୧ ଆଜିର ଦିନରେ ସଂସଦ ଉପରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ସୁରକ୍ଷାକର୍ମୀଙ୍କୁ ଦେଶ ଜଣାଉଛି ଶ୍ରଦ୍ଧାଞ୍ଜଳି

–ଶହୀଦ ଯବାନ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଦେଶ ସର୍ବଦା ଋଣୀ ହୋଇ ରହିବ, କହିଲେ ରାଷ୍ଟ୍ରପତି

- ଆସନ୍ତା ସୋମବାରଠାରୁ ୩ ରାଷ୍ଟ୍ର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

- ପେରୁରେ ସ୍ୱାସ୍ଥ୍ୟସେବା ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୨ଟନ୍ ମାନବୀୟ ସହାୟତା ପ୍ରଦାନ କଲା ଭାରତ

- ଭାରତୀୟ ସାମଗ୍ରୀ ଉପରେ ଟାରିଫ୍ ସଂଶୋଧନ ନେଇ ପ୍ରତିନିଧି ସଭାର ୩ ଜଣିଆ ସଦସ୍ୟଙ୍କ ସଂକଳ୍ପ ଆଗତ

ଏବଂ

- ଗ୍ରେଟେଷ୍ଟ୍ ଅଫ୍ ଅଲ୍ ଟାଇମ ଇଣ୍ଡିଆ ଟୁର୍ ମାଧ୍ୟମରେ ୩ ଦିନିଆ ଭାରତ ଗସ୍ତରେ ଆସିଛନ୍ତି ଲିଓନେଲ୍ ମେସି

## ଭିପି- ପିଏମ୍- ପାର୍ଲାମେଣ୍ଟ

ଦେଶ’ ୨୦୦୧ ମସିହା ଆଜିର ଦିନରେ ସଂସଦ ଉପରେ ସଙ୍ଘଟିତ ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ସୁରକ୍ଷା କର୍ମୀଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛି ।

ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ସଂସଦକୁ ସୁରକ୍ଷା ଦେବାକୁ ଯାଇ ଯେଉଁମାନେ ସେମାନଙ୍କ ସାହସ, ବୀରତ୍ୱ ଓ ତ୍ୟାଗ ଦେଖାଇଛନ୍ତି, ସେମାନଙ୍କୁ ଦେଶ କୃତଜ୍ଞତା ଜଣାଉଛି । ସେହି ଶହୀଦ ଓ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଦେଶ ସର୍ବଦା ଋଣୀ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି । ଯେକୌଣସି ଆତଙ୍କବାଦର ମୁକାବିଲା କରିବା ଲାଗି ଭାରତ ପ୍ରସ୍ତୁତ ଅଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ, ଜିତେନ୍ଦ୍ର ସିଂ, କିରେନ୍ ରିଜିଜୁ, ଅର୍ଜୁନରାମ ମେଘୱାଲ ପ୍ରମୁଖ ପାର୍ଲାମେଣ୍ଟ ପରିସରରେ ଥିବା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

# ପାର୍ଲାମେଣ୍ଟ ଆଟାକ୍

୨୦୦୧ ପାର୍ଲାମେଣ୍ଟରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ସୁରକ୍ଷାକର୍ମୀଙ୍କ ପ୍ରତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ସୂଚନା ଓ ପ୍ରସାରଣ ରାଷ୍ଟ୍ରପତି ଡକ୍ଟର ଏଲ୍.ମୁରୁଗାନ୍ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହ ସେହି ସମୟର ସୁରକ୍ଷାକର୍ମୀଙ୍କ ବୀରତ୍ୱ ଓ ଅଦମ୍ୟ

ସାହସକୁ ମନେ ପକାଇଛନ୍ତି । ଦେଶ ସେହି ଶହୀଦମାନଙ୍କ ନିକଟରେ ସର୍ବଦା ଋଣି ହୋଇ ରହିବ ବୋଲି ଶ୍ରୀ ଶାହା କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଣ୍ଟ ଉପରେ ଆତଙ୍କବାଦୀମାନେ କରିଥିବା ଆକ୍ରମଣକୁ ବୀର ସୁରକ୍ଷାକର୍ମୀମାନେ  ପ୍ରତିହତ କରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କର ସାହସ, ବଳିଦାନ ଏବଂ କର୍ତ୍ତବ୍ୟନିଷ୍ଠତା ସବୁଦିନ ପାଇଁ ଦେଶବାସୀଙ୍କ ମନେ ରହିବ ବୋଲି ଶ୍ରୀ ସିଂ କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର କହିଛନ୍ତି, ବିଭିନ୍ନ ପ୍ରକାର ଆତଙ୍କବାଦର ମୂଳପୋଛ କରିବା ପାଇଁ ଶହୀଦମାନଙ୍କ ବୀରତ୍ୱ ଦେଶର ପ୍ରତିବଦ୍ଧତାକୁ ସୂଚାଉଛି ।

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି, ସଂସଦକୁ  ସୁରକ୍ଷିତ ରଖିବାରେ ସେତେବେଳେ ଯବାନମାନଙ୍କର ତ୍ୟାଗ ଦେଶର ଗଣତନ୍ତ୍ର ଓ ସାର୍ବଭୌମତ୍ୱକୁ ବଜାୟ ରଖିବାରେ ସହାୟକ ହୋଇଥିଲା ।

ସେହିପରି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ପାର୍ଲାମେଣ୍ଟର ବହୁ ସଦସ୍ୟ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ପି.ଏମ୍. - ଥ୍ରୀ ନେସନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାରଠାରୁ  ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ୍ ଗସ୍ତରେ ଯିବେ ।  କିଙ୍ଗ୍ ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନ୍ଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଆସନ୍ତା ସୋମବାର ଏବଂ ମଙ୍ଗଳବାର  ଜୋର୍ଡ଼ାନ୍ ଗସ୍ତ କରିବେ । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ଉପଲକ୍ଷେ ଶ୍ରୀ ମୋଦିଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ ଥିବା ଅର୍ଥନୈତିକ ସମ୍ପର୍କକୁ ଏହି ଗସ୍ତ ଅଧିକ ସୁଦୃଢ଼ କରିବ ବୋଲି  ବୈଦେଶିକ

ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି । ଜୋର୍ଡ଼ାନ୍ ଭାରତର ତୃତୀୟ ବୃହତ୍ ବାଣିଜ୍ୟିକ ଅଂଶୀଦାର ରହିଆସିଛି ।

ଏହା ପରେ ଶ୍ରୀ ମୋଦି ବୁଧବାର ପର୍ଯ୍ୟନ୍ତ ଇଥିଓପିଆ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଭାରତ ଦକ୍ଷିଣ-ଆଫ୍ରିକା ସହଯୋଗକୁ ଅଧିକ ସୁଦୃଢ଼ କରିବ । ଗସ୍ତ ଅବସରରେ ଶ୍ରୀ ମୋଦି ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଅବିୟ ଅହମ୍ମଦ ଅଲିଙ୍କ ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଦ୍ୱିପାକ୍ଷିକ ଆଲୋଚନା କରିବେ।

ଗସ୍ତର ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁବାର ପର୍ଯ୍ୟନ୍ତ ଓମାନ ଗସ୍ତ କରିବେ । ଉଭୟ ଦେଶ ମଧ୍ୟରେ ଥିବା ବ୍ୟାବସାୟିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବାପାଇଁ ଏହି ଗସ୍ତ ଅବସରରେ ଭାରତ ଓ ଓମାନ୍ ମଧ୍ୟରେ ବିଭିନ୍ନ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଜେପି ନଡ୍ଡା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆଜି ସିମ୍ଲା ନିକଟବର୍ତ୍ତୀ ମାଜଥାଇଠାରେ ଦଳର ନୂଆ ରାଜ୍ୟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଶ୍ରୀ ନଡ୍ଡାଙ୍କୁ ସ୍ଥାନୀୟ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ରାଜ୍ୟ ସଭାପତି ରାଜୀବ ବିନ୍ଦଲ ପ୍ରସ୍ତାବିତ ସଂପୃକ୍ତ କାର୍ଯ୍ୟାଳୟର କୋଠା ନିର୍ମାଣ ଉପରେ ସବିଶେଷ ତଥ୍ୟ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ନଡ୍ଡା କାର୍ଯ୍ୟାଳୟର ଢ଼ାଞ୍ଚା, ଏହାର କାର୍ଯ୍ୟକାରିତା ଏବଂ ଭବିଷ୍ୟତରେ ଏହାର ଉପଯୋଗିତା ନେଇ ମାର୍ଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ

ପ୍ରଭାରୀ ଶ୍ରୀକାନ୍ତ ଶର୍ମାଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ସାଂସଦ ଡକ୍ଟର ସିକନ୍ଦର କୁମାର, ରାଜ୍ୟସ୍ତରୀୟ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଇଣ୍ଡିଆ-ପେରୁ

ଭାରତ ସରକାର ପେରୁରେ ବ୍ୟାପିଥିବା ଝାଡ଼ାବାନ୍ତି ରୋଗୀଙ୍କ ସହାୟତା ପାଇଁ ଅଢ଼େଇଲକ୍ଷ ସାଲାଇନ୍ ବୋତଲ ପ୍ରଦାନ କରିଛନ୍ତି । ପେରୁରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିଶ୍ୱାସ ସପକାଲ ଆନୁଷ୍ଠାନିକ ଭାବେ ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ୩୨ ଟନ୍ ମାନବୀୟ ସହାୟତା ପ୍ରଦାନ କରିଛନ୍ତି । ଏହି ପଦକ୍ଷେପ ପେରୁର ଏକ ବିଶ୍ୱସ୍ତ ସହଭାଗୀ ରାଷ୍ଟ୍ରଭାବେ ଭାରତକୁ ପ୍ରତିଫଳିତ କରୁଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଦକ୍ଷିଣ ବିଶ୍ୱ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସହଭାଗୀ ପ୍ରତିବଦ୍ଧତାକୁ ଏହା ସୂଚାଉଛି । ଭାରତ ଏବଂ ପେରୁ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କ ଦୃଢ଼ ରହିଛି । ସେଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ, ଔଷଧ, ଶକ୍ତି, କୃଷି , ପ୍ରତିରକ୍ଷା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦି ଅନ୍ତର୍ଭୁକ୍ତ । ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପରିସ୍ଥିତିର ମୁକାବିଲା ପାଇଁ ଭାରତ ବିଗତ ବର୍ଷରେ ପେରୁକୁ ଚିକିତ୍ସା ସହାୟତା ପ୍ରଦାନ କରିଥିବା ମନ୍ତ୍ରଣାଳୟ କହିଛି ।

## ୟୁଏସ୍-ଇଣ୍ଡିଆ ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ସହ ଭାରତୀୟ ସାମଗ୍ରୀ ଉପରେ ୫୦

ପ୍ରତିଶତ ଟାରିଫ୍ ବସାଯିବା ନିଷ୍ପତ୍ତିକୁ ବଦଳାଇବା ପାଇଁ ପ୍ରତିନିଧି ସଭାର ୩ ଜଣିଆ ସଦସ୍ୟ ଏକ  ସଂକଳ୍ପ ଆଣିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପଙ୍କ ପଦକ୍ଷେପ ବେଆଇନ ଏବଂ ଆମେରିକୀୟ ଶ୍ରମିକ, ଖାଉଟି ଏବଂ ଭାରତ-ଆମେରିକା ଦ୍ୱିପାକ୍ଷିକ ସଂପର୍କକୁ କ୍ଷତି ପହଞ୍ଚାଉଥିବା ପରିପ୍ରେକ୍ଷୀରେ ସେମାନେ ଏଭଳି ସଂକଳ୍ପ ପାରିତ କରିଛନ୍ତି । ଆଇନ୍ ପ୍ରଣେତା ଡିବୋରହ ରୋସ୍, ମାର୍କ ଭେଇସେ ଏବଂ ରାଜ କୃଷ୍ଣମୂର୍ତ୍ତି କହିଛନ୍ତି ଯେ, ଗତ ଅଗଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ଭାରତ-ଆମେରିକା ସଂପର୍କରେ ବ୍ୟାହତ ସୃଷ୍ଟି କରୁଛି । ତେଣୁ ଭାରତୀୟ ସାମଗ୍ରୀ ଉପରେ ୨୭ ଅଗଷ୍ଟରେ ବସାଯାଇଥିବା ଦ୍ୱିତୀୟ ଟାରିଫ୍‌କୁ ବାତିଲ କରିବା ଲାଗି ସଂକଳ୍ପରେ ଉଲ୍ଲେଖ କରାଯାଇଛି ।

## ମେସି-କୋଲକାତା

ପ୍ରଖ୍ୟାତ ଫୁଟବଲ ଖେଳାଳି ଲାଓନେଲ୍ ମେସି ଆଜି ସକାଳେ କୋଲକାତାରେ ପହଞ୍ଚିବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ ଇଣ୍ଡିଆ ଟୁର୍ ମାଧ୍ୟମରେ ୩ ଦିନିଆ ଭାରତ ଗସ୍ତରେ ଆସିଥିବା ମେସି କୋଲକାତାର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସମର୍ଥକମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା । ସେ ତାଙ୍କର ଦୀର୍ଘକାଳିନ ଷ୍ଟ୍ରାଇକ୍ ପାର୍ଟନର ଲୁଇସ୍ ସ୍ୱାରେଜ୍ ଓ ଆର୍ଜେଣ୍ଟିନା ସାଥୀ ଖେଳାଳି ରୋଡ୍ରିଗୋ ଡି ପଲ୍‌ଙ୍କ ସହ ଏହି ଗସ୍ତରେ ଆସିଛନ୍ତି । ଆର୍ଜେଣ୍ଟିନା ସୁପରଷ୍ଟାର୍ ମେସି ୧୪ ବର୍ଷ ପରେ ଭାରତ ଗସ୍ତରେ ଆସି କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଏବଂ ନୂଆଦିଲ୍ଲୀଠାରେ

ଫୁଟବଲ୍ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାଧାରଣରେ ପ୍ରଶଂସକଙ୍କ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । କୋଲକାତାରେ ୮ ଥରର ବାଲୋନ୍ ଡି ଓର' ବିଜେତା ମେସି 'ଏ ମିଟ୍ ଆଣ୍ଡ୍ ଗ୍ରିଟ୍ ସେସନ୍' ଏବଂ ତାଙ୍କ ସମ୍ମାନାର୍ଥେ ସ୍ଥାପିତ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଅନାବରଣ କରିବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ସେ ହାଇଦ୍ରାବାଦ ଗସ୍ତ କରିବେ ।